# Akashvani, Sambalpur

## SAMBALPURI NEWS BULLETIN

### 9 November 2024- 6.47- 6.52 am.

*************************************************

ମୁଖ୍ୟମନ୍ତ୍ରୀ- ବିଦ୍ୟୁତ୍ ଉତ୍ପାଦନ୍ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଶିଳ୍ପାୟନ ଆର୍ ଆର୍ଥିକ୍ ଅଭିବୃଦ୍ଧିର୍ ଲାଗି ବିଜ୍‌ଲିର୍ ଚାହିଦା ବଢୁଛେ । ଆଏବା ୨୦୨୯-୩୦ ବଛର୍‌ତକ୍ ରାଏଜେ ବିଜ୍‌ଲିର୍ ପିକ୍ ଡିମାଣ୍ଡ ପାଖାପାଖି ୧୦ ହଜାର୍ ମେଗାୱାଟ୍‌କେ ପୁହୁଁଚିବା । ହେତାକେ ନଜର୍‌ଥି ରଖିକରି ବିଦ୍ୟୁତ୍ ଉତ୍ପାଦନ୍, ସରବରାହ ଆର୍ ବଂଟନ୍ ବ୍ୟବସ୍ଥାର୍ ରୋଡ୍ ମେପ୍ ତିଆର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟର୍ ବିଦ୍ୟୁତ୍ ବ୍ୟବସ୍ଥାର୍ ସମୀକ୍ଷା କର୍‌ବାର୍ ଅବ୍‌ସରେ ସେ କହିଛନ୍, ଆଏବା ଦିନେ ରାଜ୍ୟର୍ ବିଜ୍‌ଲି ଚାହିଦାକେ ନଜର୍‌ଥି ରଖିକରି ନୂଆଁ ସବ୍‌ଷ୍ଟେସନ୍ ୩୩ ଆର୍ ୧୧ କେଭି ଲାଇନ୍‌ର ଭିତିଭୂମିର ଦରକାର୍ ପଡ଼୍‌ବା । ହେଥିର୍‌ଲାଗି ବଜେଟ୍‌ଥି ବିଦ୍ୟୁତ୍ କ୍ଷେତ୍ରଥି ଦର୍‌କାରୀ ବ୍ୟୟବରାଦ୍ ସଙ୍ଗେ ରାଜ୍ୟକେ ସବୁବେଲେ ଶକ୍ତି କ୍ଷେତ୍ର ନ ବଳକା ରାଜ୍ୟ କରି ରଖିବାର୍‌କେ ମୁଖ୍ୟମନ୍ତ୍ରୀ

ପରାମର୍ଶ ଦେଇଛନ୍ । ସମୀକ୍ଷା ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ଆଉ କୃଷକ ସଶକ୍ତିକରଣ୍ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଭିଲ୍ ଉପସ୍ଥିତ୍ ଥିଲେ ।

ଝାର୍‌ସୁଗୁଡ଼ା, ବର୍‌ଗଡ଼୍ -ଶିଳ୍ପ ପ୍ରକଳ୍ପ ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ସୁଗୁଡ଼ା ଆର୍ ବର୍‌ଗଡ଼୍ ସହେତେ ରାଜ୍ୟର୍ ୬ ଟା ଜିଲ୍ଲା ନ ପାଖାପାଖି ୩ ହଜାର୍ ୩ ଶହ ୫୩ କୋଟି ଟଙ୍କାର୍ ୧୫ ଟା ଶିଳ୍ପ ପ୍ରକଳ୍ପକେ ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକ୍‌ଥି ଅନୁମୋଦନ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଇ ପ୍ରକଳ୍ପମାନ୍‌କର୍ ଜରିଏ ୪ ହଜାର୍ ୬ ଶହ ୩୭ ଟା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇପାର୍‌ବା । ଅନୁମୋଦନ୍ ପାଇଥିବା ଇ ପ୍ରକଳ୍ପମାନ୍‌କର୍ ଭିତ୍‌ରେ ଝାର୍‌ସୁଗଡ଼ା ନ ପାଖାପାଖି ୫୬ କୋଟି ଟଙ୍କା ବିନିଯୋଗ୍‌ଥି ଗୁଟେ ଆଲୁମିନିୟମ୍ କଣ୍ଡକ୍ଟର୍ ଆର୍ ବର୍‌ଗଡ଼୍ ନ ଗୁଟେ ଖାଦ୍ୟ ପ୍ରକ୍ରିୟାକରଣ୍ କାର୍‌ଖାନା ପ୍ରକଳ୍ପ ଅଛେ ।

ତୀର୍ଥଯାତ୍ରୀ-ବସ୍ ସେବା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ତୀର୍ଥଯାତ୍ରୀଙ୍କର୍ ଲାଗି ଖୋବ୍ ଜଲ୍ଦି ଆରାମ୍‌ଦାୟକ୍ ବସ୍ ସେବା ମୁଲ୍ କର୍‌ବାର୍‌କେ ଯାଉଛନ୍ । ପହେଲା ଖେପେ ଆଏବା ୧୨ ତାରିଖ୍‌ନୁ ପୁରୀ ନୁ ଅଯୋଧ୍ୟା ଧାମ୍ ଆର୍ ତିରୁପତିକେ ୪ ଟା ବସ୍‌ର ଯାତ୍ରା ଶୁଭାରମ୍ଭ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ନୁ ଇ ବସ୍ ଯାତ୍ରାର୍ ଶୁଭାରମ୍ଭ କର୍‌ବେ । ଓଡ଼ିଶାର୍ ରାଜ୍ୟ ସଡ଼କ୍ ପରିବହନ୍ ନିଗମ୍- ଓଏସ୍‌ଆର୍‌ଟିସି ତର୍‌ଫୁ ମିଳିଥିବା ସୂଚ୍‌ନା ଅନ୍‌ସାରେ ଆଗ୍‌କେ ଦେଶର୍ ଅଲ୍‌ଗା ତୀର୍ଥ ଜାଗା ମାନ୍‌କୁ ଭିଲ୍ ବସ୍ ଚାଲ୍‌ବା । ଇ ବସ୍‌ଥି ମହିଳାମାନ୍‌କର୍ ଟିକଟ୍‌ର ଦାମ୍ ୫୦ ପ୍ରତିଶତ୍ କମ୍ ରହେବା ।

## ମଧ୍ୟାହ୍ନ ଭୋଜନ ନିରାପତା-ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସର୍କାରୀ ଆର୍ ସର୍କାରୀ ଅନୁଦାନ୍ ପାଉଥିବା ବିଦ୍ୟାଲୟମାନ୍‌କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ୍‌ର ନିରାପତା ଆର୍ ସ୍ୱଚ୍ଛତା ବାବ୍‌ଦେ ଜିଲ୍ଲା ଅଧିକାରୀମାନ୍‌କୁ ନେଇକରି ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର କୃଷି ଭବନ୍ ନ ଗୁଟେ ପ୍ରଶିକ୍ଷଣ

କାର୍ଯ୍ୟକ୍ରମ୍ ହେଇଯାଇଛେ । ଭାରତ୍ ସର୍କାର୍ଙ୍କର୍ ପି.ଏମ୍. ପୋଷଣ୍ ଶକ୍ତି କାର୍ଯ୍ୟକ୍ରମ୍‌ଥି ଛୁଆକୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ୍ ରନ୍ଧା, ହେତାର୍ ଗୁଣବତା ରକ୍ଷା, ସ୍ୱଚ୍ଛତା ରଖିବାର୍ ସଙ୍ଗେ ଆବର୍ଜନା ପରିଚାଲନା ଆର୍ ପୋଷଣ୍ ଉଦ୍ୟାନ୍‌ର ଉନ୍ନତିକରଣ୍ ବାବ୍‌ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ସୁଭଦ୍ରା -ବେଙ୍କ୍ ସମସ୍ୟା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକୃତ ଆବେଦନ୍‌କାରୀମାନ୍‌କର୍ ଭିତ୍‌ରୁ ଯେନ୍‌ମାନ୍‌କର୍ ଆଧାର୍ ସଂଯୋଗୀକରଣ୍, ଆଧାର୍ ଅଚଲ୍ ହେବାର୍, ଡିବିଟିର୍ ଲାଗି ଏକାଉଂଟ୍ ସକ୍ଷମ୍ ନାଇଁଥିବା, ଏକାଉଂଟ୍ ଅଚଲ୍ ଥିବା ଆର୍ ଇ-କେୱାଇସି ନାଇଁ ହେଇଥିବାର୍ ବାଗିର୍ ବେଙ୍କ୍ ଏକାଉଂଟ୍ ବାବଦ୍ ସମସ୍ୟା ଅଛେ, ସେମାନେ ନିଜର୍ ବେଙ୍କ୍‌କେ ଯୋଗାଯୋଗ୍ କରିକରି ସମସ୍ୟାର୍ ସମାଧାନ୍ କର୍‌ବାର୍‌କେ ରାଜ୍ୟ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ସମସ୍ୟା ଥିବାର୍ ଆବେଦନ୍‌କାରୀଙ୍କର୍ ତାଲିକା ସୁଭଦ୍ରା ୱେବ୍‌ସାଇଟ୍ ଆର୍ ନିଜର୍ ନିଜର୍ ଇଲାକାର୍

ବ୍ଲକ୍, ପଂଚାୟତ୍, ପୌରସଂସ୍ଥା ଆର୍ ୱାର୍ଡ଼ କାର୍ଯ୍ୟାଲୟମାନ୍କୁ ଦେଖି ହେବା ।

ୟୁଜି, ପିଜି ନାଁଲେଖା-ଉଚ୍ଚଶିକ୍ଷାମନ୍ତ୍ରୀ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଖାଲିଥିବା ଯୁକ୍ତ ୩, ପିଜି ଆର୍ ୨ ବର୍ଷିଆ ବିଏଡ୍ ପାଠ୍ୟକ୍ରମ୍ଥି ଖାଲିଥିବା ସିଟ୍ ନ ସାମ୍ସ ପୋର୍ଟାଲ୍ ଜରିଏ ନାଁ ଲେଖା ହେବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍ନା ଦେଇଛନ୍ । ଇତାର୍ସଙ୍ଗେ ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ନାଁଲେଖା ବାବଦ୍ ବିଜ୍ଞପ୍ତି ବାହାରିଛେ । ସୂଚ୍ନା ଅନ୍ସାରେ ଆଏବା ୧୧ ତାରିଖ୍ନୁ ସାମ୍ସ ୱେବ୍ସାଇଟ୍ଥି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇକରି ୧୫ ତାରିଖ୍ତକ୍ ଚଲ୍ବା ।

ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍ଏନ୍ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ସ୍ୱତନ୍ତ୍ର ଟ୍ରେନ୍ ଏନ୍‌ଏସ୍‌ଡି

ଭାରତୀୟ ରେଲ୍‌ବାଇ ତର୍‌ଫୁ ଗଲାକାଏଲ ଠାନୁ ଶହେ ୬୪ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରିଛେ । ଛଟ୍‌ପୂଜା ଆର୍ ଅଲ୍‌ଗା ପରବ୍ ଲାଗି ଘର୍‌କେ ଯାଇଥିବା ଲୋକ୍‌ମାନେ ଇ ଟ୍ରେନଥି ସେମାନ୍‌କର୍ ଲକ୍ଷ୍ୟ ଜାଗାକେ ଫିର୍‌ବେ ବଲି ଜନାପଡ଼ିଛେ । ଆଏବା ୨ ଦିନ୍ ଭିତ୍‌ରେ ୪ ଶହ ୭୬ ଟା ଟ୍ରେନ୍ ଚଲାଚଲ୍ କର୍‌ବାର୍‌କେ ରେଲ୍‌ବାଇ ନିଷ୍ପତି ନେଇଛେ ।

ଧାନ୍ ଘିନା- ସୀମ୍ନା ସିଲ୍- ମନ୍ତ୍ରୀ   ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟକେ ବାହାର୍ ରାଜ୍ୟନୁ ଯେନ୍ତା ଧାନ୍ ନାଇଁ ଆସିପାର୍ବା ହେଥିର୍ଲାଗି ସୀମ୍ନା ମାନ୍କୁ ସିଲ୍ କରାଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଗଞ୍ଜାମ୍ ନ ବିଭାଗ୍ର ଗୁଟେ ସମୀକ୍ଷା ବୈଠକ୍ଥି ଇ ବଛର୍ ଧାନ୍ ଘିନା ବେଲ୍କେ ଯେନ୍କେ କଟ୍ନୀ ଛଟ୍ନୀ ନାଇଁ ହେବା ହେତାର୍ ଉପ୍ରେ ଗୁରୁତ୍ୱ ଦେବାର୍କେ ମନ୍ତ୍ରୀ -ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ        ଆର୍ଏନ୍ୟୁ /ସମ୍ବଲପୁର

ଆଏବା ୪୮ ଘଂଟା ଭିତ୍ରେ ଦକ୍ଷିଣ ପଶ୍ଚିମ ବଙ୍ଗୋପ୍ସାଗର୍ ନ ଗୁଟେ ଲଘୁଚାପ୍ ହେଇପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ । ସୂଚ୍ନା ଅନ୍ସାରେ ହେତାର୍ ପ୍ରଭାବ୍ଥି ଆଏଜ୍ ରାତିନୁ ଆଏବା ୧୧ ତାରିଖ୍ତକ୍ ସମୁଦ୍ର ଖଁଡ଼ି ଆର୍ ଦକ୍ଷିଣ ଓଡ଼ିଶା ନ ହଲ୍କାନୁ ମଧ୍ୟମ୍ ଧରଣ୍ର ବର୍ଷା ହେଇପାରେ ।